# NATIONAL NEWS BULLETIN (ODIA)

## 6 October - 2023

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀ ଠାରେ ଆଜି ମାଓମୁକାବିଲା ସଂକ୍ରାନ୍ତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ।
- ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ତେଲଙ୍ଗାନା ରାଜ୍ୟ ବିଜେପି ପରିଷଦର ଏକ ବୈଠକରେ ଆଜି ଅଧ୍ୟକ୍ଷତା କରିବେ ।
- ଛତିଶଗଡ଼ରେ ଭୋଟର ତାଲିକା ରାଜ୍ୟର ଭୋଟଗ୍ରହଣ କେନ୍ଦ୍ର ଗୁଡ଼ିକରେ ପ୍ରକାଶ କରାଯାଇଛି ।
- ସିକିମ୍‌ର ତିସ୍ତା ନଦୀ ଉପକୂଳରେ ହଠାତ୍ ବନ୍ୟା ଆସିବା ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ତଦାରଖ କରାଯାଉଛି ।

ଏବଂ

- ଆଇ.ସି.ସି. ବିଶ୍ୱକପ୍ ପ୍ରତିଯୋଗୀତାର ଗତକାଲି ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଇଂଲଣ୍ଡକୁ ୯ ୱିକେଟ୍‌ରେ ପରାସ୍ତ କରିଛି ।

## ମାଓମୁକାବିଲା ବୈଠକ

ନୂଆଦିଲ୍ଲୀ ଠାରେ ଆଜି ମାଓମୁକାବିଲା ସଂକ୍ରାନ୍ତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ମାଓ ପ୍ରଭାବିତ ବିଭିନ୍ନ ରାଜ୍ୟର ପ୍ରତିନିଧି ଅଂଶ ଗ୍ରହଣ କରିବେ । ମାଓବାଦୀଙ୍କ ସ୍ଥିତି ଏବଂ ଏହାର ମୁକାବିଲା ସଂକ୍ରାନ୍ତ ରଣନୀତି ଉପରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ଓଡ଼ିଶାରୁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଏବଂ ପୁଲିସ୍ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଏହି ବୈଠକରେ ଯୋଗଦେବେ । ସେହିପରି ଝାଡ଼ଖଣ୍ଡ, ଛତିଶଗଡ଼, ବିହାର, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଆଦି ରାଜ୍ୟର ପ୍ରତିନିଧିମାନେ ମଧ୍ୟ ଏହି ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ତେଲଙ୍ଗାନା-ବିଜେପି-ହାଇଦ୍ରାବାଦ

ତେଲଙ୍ଗାନାରେ ବିଜେପି ଅଧ୍ୟକ୍ଷ ଜେ.ପି. ନଡ୍ଡା ଆଜି ସନ୍ଧ୍ୟାରେ ହାଇଦ୍ରାବାଦ୍‌ର ଘଟକେଶ୍ୱର ଠାରେ ପାର୍ଟିର ରାଜ୍ୟ ପରିଷଦ ବୈଠକରେ ନେତୃତ୍ୱ ନେବେ । ଏହି ବୈଠକରେ ନିର୍ବାଚନ ସମ୍ପର୍କିତ ପ୍ରସଙ୍ଗ ଏବଂ

ଆଗାମୀ ନିର୍ବାଚନ ପାଇଁ କୌଶଳ ପ୍ରସ୍ତୁତ କରାଯିବ । ପାର୍ଟିର ଉଚ୍ଚସ୍ତରୀୟ ଅଧିକାରୀମାନଙ୍କ ସମେତ ବିଜେପି ସାଧାରଣ ସମ୍ପାଦକ ବି.ଏଲ୍. ସନ୍ତୋଷ, ତରୁଣ ଚୁଗ୍, ସୁନୀଲ ବଂଶଲ ଓ ବନ୍ଦୀ ସଂଜୟ ଏହି ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଇତିମଧ୍ୟରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ତଥା ରାଜ୍ୟ ବିଜେପି ଶାଖା ସଭାପତି ଜି. କିଶନ୍ ରେଡ୍ଡୀ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଡିଲାବାଦ୍ ଠାରେ ଆସନ୍ତା ୧୦ ତାରିଖ ଦିନ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

## ବିଜେପି-ମିଟ୍ ନଡ୍ଡା

ବିଜେପିର ଜାତୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଗତକାଲି ସନ୍ଧ୍ୟାରେ ପାଟନା ଠାରେ ପାର୍ଟିର ବିହାର ରାଜ୍ୟ ବିଧାନସଭା ସଦସ୍ୟ ଓ କୋର୍ କମିଟି ସଦସ୍ୟମାନଙ୍କର ବୈଠକରେ ଯୋଗ ଦେଇଥିଲେ । ଖବରରୁ ଜଣାପଡ଼ିଛି ଶ୍ରୀ ନଡ୍ଡା ବିହାରରେ ରାଜନୈତିକ ପରିସ୍ଥିତି ଓ ଅନ୍ୟ ସାଂଗଠନିକ ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା କରିଛନ୍ତି । ଶ୍ରୀ ନଡ୍ଡା ବୈଠକରେ କହିଛନ୍ତି, ପାର୍ଟି ଏହାର ନେତାମାନେ ଜନସାଧାରଣ ସହ ସମ୍ପର୍କ ସ୍ଥାପନ କରିବାକୁ ସବୁବେଳେ ଉଦ୍ୟମ କରିବା ଉଚିତ୍ । ବିହାରକୁ ଦିନିକିଆ ଗସ୍ତରେ ଯାଇଥିବା ବେଳେ ଶ୍ରୀ ନଡ୍ଡା ଅନେକ ସାଙ୍ଗଠନିକ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ପୂର୍ବରୁ ଶ୍ରୀ ନଡ୍ଡା ବିଜେପିର ପ୍ରତିଷ୍ଠାତା ନେତା କୈଳାସ ପତି ମିଶ୍ରଙ୍କର ୧୦୦ତମ ଜନ୍ମ ଦିନରେ ଯୋଗ

ଦେଇଥିଲେ । ପାଟନାଠାରେ ଆୟୋଜିତ ଏକ ଉତ୍ସବରେ ଉଦ୍‌ବୋଧନ ଦେବାବେଳେ ଶ୍ରୀ ନଡ୍ଡା କହିଛନ୍ତି, ୨୦୨୫ ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱରେ ଏନ୍.ଡି.ଏ. ରାଜ୍ୟରେ ସରକାର ଗଠନ କରିବ । ଆଗାମୀ ଲୋକସଭା ନିର୍ବାଚନରେ ରାଜ୍ୟରେ ଅଧିକାଂଶ ଆସନରେ ତାଙ୍କ ପାର୍ଟି ଜିତିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି । ଶ୍ରୀ ନଡ୍ଡା ନିତିଶ କୁମାର, ଲାଲୁ ପ୍ରସାଦ ନେତୃତ୍ୱାଧୀନ ସରକାରକୁ ସମାଲୋଚନା କରିବା ସଙ୍ଗେ ସଙ୍ଗେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏହି ସରକାର ଦୁର୍ନୀତିରେ ଲିପ୍ତ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି । ଆର୍.ଜେ.ଡି. ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କୁ ସେ ଘୋର ସମାଲୋଚନା କରିବା ସଙ୍ଗେ ସଙ୍ଗେ ପରିବାରବାଦ ରାଜନୀତି ଓ ଦୁର୍ନୀତି ପାଇଁ ଲାଲୁ ପ୍ରସାଦ ଯାଦବଙ୍କୁ ଦୋଷାରୋପ କରିଛନ୍ତି । ଜାତି ଭିତ୍ତିକ ୨୦୨୨ ସର୍ଭେକୁ ନେଇ ନିତିଶ ସରକାରଙ୍କୁ ସେ ସମାଲୋଚନା କରିଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି, ସାମାଜିକ ନ୍ୟାୟ କ୍ଷେତ୍ରେରେ ବିଜେପି ହେଉଛି ପ୍ରକୃତ କାମ କରୁଥିବା ଦଳ । ଏହି ଦଳ ଅନେକ କାମ କରିଛି ବୋଲି ସେ କହିଛନ୍ତି ।

## ସ୍ୱଚ୍ଛତା କ୍ୟାମ୍ପେନ୍-୩.୦

ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ ବିଭାଗର ସ୍ୱଚ୍ଛତା ଅଭିଯାନ-୩ ଜୋର୍‌ସୋରରେ ଆଗେଇ ଚାଲିଛି । କର୍ମସ୍ଥଳୀରେ ପରିଷ୍କାର ପରିଚ୍ଛନ୍ନତାକୁ ଆଗେଇ ନେବା ଲାଗି ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

ସେପ୍ଟେମ୍ବର ୧୫ ତାରିଖରୁ ଏହି ଅଭିଯାନର ପ୍ରସ୍ତୁତି ପର୍ଯ୍ୟାୟ ଆରମ୍ଭ ହୋଇଥିଲା । ମୁଖ୍ୟ ଅଭିଯାନ ଅକ୍ଟୋବର ୨ ତାରିଖରୁ ଆରମ୍ଭ ହୋଇଛି ଏବଂ ମାସ ଶେଷ ପର୍ଯ୍ୟନ୍ତ ଚାଲିବ । ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ଏହି ଅଭିଯାନ ଚଳାଇଛି । ସର୍ବସାଧାରଣ ଅଭିଯୋଗ ପାର୍ଲାମେଣ୍ଟ ସଦସ୍ୟମାନଙ୍କର ସନ୍ଦେଶ, ପାର୍ଲାମେଣ୍ଟ ପ୍ରତିଶ୍ରୁତି, ପରିଷ୍କାର ପରିଚ୍ଛନ୍ନତା, ପୁରୁଣା ଜିନିଷକୁ ନଷ୍ଟ, ପୁରୁଣା ଫାଇଲ୍ ଗୁଡ଼ିକୁ ନଷ୍ଟ କରିବା ଓ ଅନ୍ୟ ସ୍ୱଚ୍ଛତା କାର୍ଯ୍ୟକଳାପ ଚାଲିଛି । ମନ୍ତ୍ରଣାଳୟ ପକ୍ଷରୁ ରେକର୍ଡପତ୍ର ଗୁଡ଼ିକର ଉତ୍ତମ ପରିଚାଳନା ପାଇଁ ଏହି ଅଭିଯାନକୁ ବ୍ୟବହାର କରାଯାଉଛି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ମୁଖ୍ୟ ସଚିବାଳୟ ଓ ଅଧସ୍ଥନ କାର୍ଯ୍ୟାଳୟ ଗୁଡ଼ିକରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ପ୍ରସ୍ତୁତି ପର୍ଯ୍ୟାୟରେ ଲକ୍ଷ୍ୟ ଗୁଡ଼ିକ ବିଭିନ୍ନ ମାନଦଣ୍ଡ ଅଧୀନରେ ଚୂଡ଼ାନ୍ତ କରାଯାଇଥିଲା । ଏହି ଅଭିଯାନରେ ବିଭିନ୍ନ ସ୍ଥାନ ଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ କରାଯିବ ଓ ସ୍ୱଚ୍ଛତା ବିଷୟରେ ଜନସଚେତନତା ସୃଷ୍ଟି କରାଯିବ । ପ୍ରତିରକ୍ଷା ବିଭାଗ ମଧ୍ୟ ସ୍ୱତନ୍ତ୍ର ଅଭିଯାନ-୩କୁ କାର୍ଯ୍ୟକାରୀ କରୁଛି । ଏକତିରିଶ ଶହ ଗାଡ଼ିକୁ ନିଲାମ କରିବା ପାଇଁ ବିଭାଗ ପକ୍ଷରୁ ଯୋଜନା ଚାଲିଛି । ଏହା ଜରିଆରେ ୪୦ କୋଟି ଟଙ୍କା ରାଜସ୍ୱ ଆଦାୟ କରାଯିବାର ଲକ୍ଷ୍ୟ ରହିଛି । ଆୟୁଷ୍ ମନ୍ତ୍ରଣାଳୟ ମଧ୍ୟ ସଫେଇ ଅଭିଯାନ ପାଇଁ ଲକ୍ଷ୍ୟ ରଖିଛି । ଏଥିପାଇଁ ବିଭିନ୍ନ କାର୍ଯ୍ୟକଳାପ ହାତକୁ ନିଆଯାଇଛି । ଏହା ଅଧୀନରେ ଥିବା ପ୍ରତିଷ୍ଠାନ, ସଂଗଠନ ଓ ପରିଷଦର ପରିସର ଗୁଡ଼ିକରେ ସଫେଇ ଅଭିଯାନ ଚାଲିଛି । ପେନ୍ସନ୍ ଉପଭୋଗୀ

କଲ୍ୟାଣ ବିଭାଗ ଚଳିତ ବର୍ଷ ୫ହଜାର ସାଧାରଣ ଅଭିଯୋଗ ଓ ୬୦୦ ସାଧାରଣ ଅଭିଯୋଗ ଅପିଲ୍ ସମାଧାନ କରିବାକୁ ଲକ୍ଷ୍ୟ ରଖିଛି । ଏହି ସମୟରେ ଅନେକ ଫାଇଲ୍‌ପତ୍ର ଗୁଡ଼ିକୁ ଚିହ୍ନଟ କରାଯାଇଥିବାବେଳେ କେତେକ ଇଲେକ୍ଟ୍ରୋନିକ୍ ଫାଇଲ୍ ମଧ୍ୟ ବନ୍ଦ କରିବାକୁ ଚିହ୍ନଟ କରାଯାଇଛି ।

# ପିଏମ୍‌-ରାମଲିଙ୍ଗା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି’ ଦେଶର ସାଂସ୍କୃତିକ ବୌଦ୍ଧିକତା ମହାନ ସାଧୁସନ୍ଥ ମାନଙ୍କ ବାଣୀ ସହ ଜଡ଼ିତ, ଯାହା ‘ଏକ ଭାରତ ଶ୍ରେଷ୍ଠ ଭାରତ’ ର ଧାରଣାକୁ ଆହୁରି ସୁଦୃଢ଼ କରିଛି । ଶ୍ରୀ ରାମଲିଙ୍ଗା ସ୍ୱାମୀଙ୍କ ୨୦୦ ତମ ଜୟନ୍ତୀ ଉପଲକ୍ଷେ ଏକ ଭିଡିଓ ବାର୍ତ୍ତାରେ ସେ କହିଛନ୍ତି’ ଶ୍ରୀ ରାମଲିଙ୍ଗା ସ୍ୱାମୀ ଦେଶର ସବୁଠୁ ସମ୍ମାନୀୟ ସନ୍ଥ ଥିଲେ । ତାଙ୍କର ଆଧ୍ୟାତ୍ମିକ ବାଣୀ ଗୁଡ଼ିକ ଆଜି ମଧ୍ୟ ଲକ୍ଷ ଲକ୍ଷ ଲୋକଙ୍କୁ ଅନୁପ୍ରାଣିତ କରୁଛି । ତାଙ୍କର ବାଣୀର ପ୍ରଭାବ ସମଗ୍ର ବିଶ୍ୱରେ ପଡ଼ିଛି ଓ ଅନେକ ସଂଗଠନ ତାଙ୍କର ଆଦର୍ଶ ଓ ଚିନ୍ତାଧାରା ଉପରେ କାର୍ଯ୍ୟ କରୁଛନ୍ତି । ଜାତୀୟ ଶିକ୍ଷା ନୀତି ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି’ ଏହା ସମଗ୍ର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣୁଛି ଓ ଏଥିରେ ନବୀକରଣ, ଗବେଷଣା ଓ ବିକାଶ ଉପରେ ଆଲୋକପାତ କରାଯାଇଛି । ବିଗତ ୯ ବର୍ଷ ମଧ୍ୟରେ ରେକର୍ଡ ସଂଖ୍ୟକ ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଙ୍ଗ କଲେଜ ଓ ମେଡିକାଲ କଲେଜ ସ୍ଥାପନ ହୋଇଥିବାର ଦର୍ଶାଇ

ସେ କହିଛନ୍ତି' ଯୁବବର୍ଗ ବର୍ତ୍ତମାନ ସେମାନଙ୍କର ମାତୃଭାଷାରେ ଅଧ୍ୟୟନ କରି ଡାକ୍ତର ଓ ଇଞ୍ଜିନିୟର ହୋଇପାରିବେ। ମାତୃଭାଷା ଯୁବାମାନଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି କରୁଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ରାମଲିଙ୍ଗା ସ୍ୱାମୀଙ୍କର ଆଦର୍ଶ ଗୁଡ଼ିକ ପାଳନ କରିବା ସହିତ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇବା ସହ ପ୍ରତ୍ୟେକଙ୍କୁ ପ୍ରେମ, ଦୟା ଓ ନ୍ୟାୟର ବାର୍ତ୍ତା ପ୍ରସାର କରିବାକୁ ନିବେଦନ କରିଛନ୍ତି।

## ଛତିଶଗଡ଼-ଆସେମ୍ବ୍ଲି ଇଲେକ୍‌ସନ୍

ଛତିଶଗଡ଼ରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି । ରାଜ୍ୟର ସବୁ ଭୋଟଗ୍ରହଣ କେନ୍ଦ୍ର ଗୁଡ଼ିକରେ ଏହି ତାଲିକା ପ୍ରକାଶ କରାଯାଇଛି । ନୂଆ ଭୋଟଦାତାମାନଙ୍କୁ ପଞ୍ଜିକୃତ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଚାଲିଥିଲା । ନୂଆ ଭୋଟର ତାଲିକାରେ ୭ଲକ୍ଷ ୧୯ ହଜାର ଭୋଟଦାତାଙ୍କ ସଂଖ୍ୟା ବୃଦ୍ଧି ପାଇଛି । ବର୍ତ୍ତମାନ ରାଜ୍ୟରେ ୨ କୋଟି ୩ଲକ୍ଷ ଭୋଟଦାତା ଅଛନ୍ତି । ରାଜ୍ୟରେ ପୁରୁଷମାନଙ୍କ ଅପେକ୍ଷା ଅଧିକ ମହିଳା ଭୋଟଦାତା ଥିବାର ଜଣାପଡ଼ିଛି । ବର୍ତ୍ତମାନ ସମ୍ପ୍ରତି ପ୍ରକାଶିତ ଭୋଟର ତାଲିକାରେ ୧ କୋଟି ୨ ଲକ୍ଷ ପଞ୍ଜିକୃତ ମହିଳା ଭୋଟଦାତା ଥିବା ବେଳେ ପୁରୁଷ ଭୋଟଦାତାଙ୍କ ସଂଖ୍ୟା ୧ କୋଟି ୧ଲକ୍ଷ ରହିଛି । ୧୮ରୁ ୨୦ ବର୍ଷ ଭିତରେ ୧୮ଲକ୍ଷ ୬୮ ହଜାର ଭୋଟଦାତା ରହିଛନ୍ତି । ଏମାନେ ପ୍ରଥମଥର ପାଇଁ ବିଧାନସଭା

ସକାଶେ ଭୋଟ ଦେବେ । ୮୦ ବର୍ଷରୁ ଊର୍ଦ୍ଧ୍ୱ ପ୍ରାୟ ୧ଲକ୍ଷ ୮୬ ହଜାର ଭୋଟଦାତା ରହିଛନ୍ତି । ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ରିନା ବାବା ସାହେବ କଙ୍ଗଲେ କହିଛନ୍ତି, ନୂଆ ନାଁ ତାଲିକାରେ ଯୋଡ଼ିବା ପାଇଁ କାର୍ଯ୍ୟ ଜାରି ରହିବ । ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବା ପରେ ନୂଆ ନାଁ ଯୋଡ଼ିବା ପାଇଁ ଆବେଦନ ଗୁଡ଼ିକୁ ମନୋନୟନପତ୍ର ଦାଖଲର ୧୦ ଦିନ ପୂର୍ବ ପର୍ଯ୍ୟନ୍ତ ଗ୍ରହଣ କରାଯିବ । ଚଳିତ ବର୍ଷ ଛତିଶଗଡ଼ରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।

## ପାୱାର୍ ମିନିଷ୍ଟ୍ରି ସିକିମ୍

ସିକିମ୍‌ର ତିସ୍ତାନଦୀ ଅବବାହିକାରେ ହଠାତ୍ ବନ୍ୟା ଆସିଯିବା ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ନିରନ୍ତର ଭାବେ ତଦାରଖ କରାଯାଉଛି । ଶକ୍ତି ସଚିବ ପଙ୍କଜ ଅଗ୍ରୱାଲା ଗତକାଲି ଏନ୍.ଏଚ୍.ପି.ସି. ସହ ଏକ ଜରୁରୀକାଳୀନ ବୈଠକରେ ପରିସ୍ଥିତିକୁ ସମୀକ୍ଷା କରିଛନ୍ତି । ସେହି ବୈଠକରେ ଶକ୍ତି ମନ୍ତ୍ରଣାଳୟ ଓ କେନ୍ଦ୍ରୀୟ ବିଦ୍ୟୁତ୍ କର୍ତ୍ତୃପକ୍ଷର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ତିସ୍ତା ନଦୀ ଅବବାହିକାରେ ହଠାତ୍ ବନ୍ୟା ଆସିଯିବାରୁ ତଳିଆ ଅଞ୍ଚଳରେ ଥିବା ତିସ୍ତା ଭି. ଜଳବିଦ୍ୟୁତ୍ କେନ୍ଦ୍ର ଗୁଡ଼ିକ ତରଖୋଲା ଓ ପାଙ୍ଗୋକ୍ ମଧ୍ୟରେ ବନ୍ୟା ଜଳରେ ବୁଡ଼ିଯାଇଛି । ସେହି ଅଞ୍ଚଳରେ ଯୋଗାଯୋଗ ଓ ପରିବହନ ବିପର୍ଯ୍ୟସ୍ତ ହୋଇପଡ଼ିଛି । ପ୍ରକଳ୍ପ ସ୍ଥାନକୁ ସବୁ ରାସ୍ତା ଏପରିକି ଆବାସିକ

କଲୋନୀ ଗୁଡ଼ିକ ନଷ୍ଟ ହୋଇଯାଇଛି । ଶକ୍ତି ମନ୍ତ୍ରଣାଳୟ କହିଛି, ବର୍ତ୍ତମାନ ଶକ୍ତି କେନ୍ଦ୍ର ଗୁଡ଼ିକ ବନ୍ଦ ରଖାଯାଇଛି ଏବଂ କୌଣସି ବିଦ୍ୟୁତ୍ ଉତ୍ପାଦନ ହେଉ ନାହିଁ ।

# କ୍ରିକେଟ୍

ଆଇ.ସି.ସି. ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗୀତାର ପ୍ରଥମ ଦିନରେ ନ୍ୟୁଜିଲାଣ୍ଡ ଇଂଲଣ୍ଡକୁ ୯ୱିକେଟ୍‌ରେ ପରାସ୍ତ କରିଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଗତକାଲି ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଇଂଲଣ୍ଡ ଦଳ ୨୮୩ରନ୍ ବିଜୟ ଲକ୍ଷ୍ୟ ନ୍ୟୁଜିଲାଣ୍ଡ ପାଇଁ ଧାର୍ଯ୍ୟ କରିଥିଲା । ନ୍ୟୁଜିଲାଣ୍ଡ ଦଳ ୩୬ ଓଭର ଦୁଇଟି ବଲ୍‌ରେ ଗୋଟିଏ ୱିକେଟ୍ ହରାଇ ଏହି ଲକ୍ଷ୍ୟ ହାସଲ କରିଥିଲା । ନ୍ୟୁଜିଲାଣ୍ଡ ଦଳ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଆଜି ପାକିସ୍ତାନ ନେଦରଲ୍ୟାଣ୍ଡ ବିରୁଦ୍ଧରେ ମୁକାବିଲା ହେବବ । ହାଇଦ୍ରାବାଦ୍‌ର ରାଜୀବ ଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଖେଳାଯିବ ।